# କେନ୍ଦୁଝର : ଡି.ଏମ୍.ଏଫ୍.ର ଏକାଦଶତମ ଟ୍ରଷ୍ଟ ବୋର୍ଡ ବୈଠକ ଅନୁଷ୍ଠିତ






କେନ୍ଦୁଝର, ତା ୧୯.୧୧.          କେନ୍ଦୁଝର ଜିଲ୍ଲା ଡି.ଏମ୍.ଏଫ୍. (ଜିଲ୍ଲା ଖଣିଜ ପ୍ରତିଷ୍ଠାନ)ର ଏକାଦଶ ତମ ଟ୍ରଷ୍ଟ ବୋର୍ଡ ବୈଠକ ଚଳିତ ନଭେମ୍ବର ୧୯ ତାରିଖ ଶନିବାର ଦିନ ଜିଲ୍ଲାପାଳ ତଥା ଡି.ଏମ୍.ଏଫ୍.ର ଚେୟାରମ୍ୟାନ୍ ତଥା ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଦରବାର ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କେନ୍ଦୁଝର ଲୋକସଭା ସଦସ୍ୟା ସୁଶ୍ରୀ ଚନ୍ଦ୍ରାଣୀ ମୁର୍ମୁ, ତେଲକୋଇ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରେମାନନ୍ଦ ନାୟକ, କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀ, ଚମ୍ପୁଆ ବିଧାୟିକା ଶ୍ରୀମତୀ ମିନାକ୍ଷୀ ମହାନ୍ତ, ଜିଲ୍ଲା ପରିଷଦର ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତଥା ଡି.ଏମ୍.ଏଫ୍.ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଅତିରିକ୍ତ

ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ୍, ଡି.ଏମ୍.ଏଫ୍. ଟ୍ରଷ୍ଟ୍ ବୋର୍ଡର ସଦସ୍ୟ/ସଦସ୍ୟା, ସଂପୃକ୍ତ ଲାଇନ୍ ଡିପାର୍ଟମେଂଟ୍ର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରେ ଡି.ଏମ୍.ଏଫ୍. ଟ୍ରଷ୍ଟ୍ ବୋର୍ଡର ନୂତନ ସଦସ୍ୟ / ସଦସ୍ୟାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଠାକରେ ସମସ୍ତଙ୍କୁ ସ୍ୱାଗତ ସମ୍ଭାଷଣ କରି ଡି.ଏମ୍.ଏଫ୍.ର ଆର୍ଥିକ ସହଯୋଗରେ ଜିଲ୍ଲାରେ ହାତକୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ବିଶେଷ କରି ଡି.ଏମ୍.ଏଫ୍. ସହଯୋଗରେ ଅଭିନବ ପଦକ୍ଷେପ ମାଧ୍ୟମରେ ଶିଶୁମାନଙ୍କର ପୌଷ୍ଟିକ ଅଭିବୃଦ୍ଧି ପାଇଁ ଅଙ୍ଗନୱାଡି ଶିଶୁଙ୍କୁ ମାଣ୍ଡିଆ ଲଡୁ ଯୋଗାଣ, କର୍ମଜୀବୀ ମହିଳାଙ୍କ ଶିଶୁମାନଙ୍କ ଯତ୍ନ ଓ ପୃଷ୍ଟି ସାଧନ ପାଇଁ କ୍ରେଚ୍ ସ୍ଥାପନ, ମାତୃ ଓ ଶିଶୁ ମୃତ୍ୟୁହାର ରୋକିବା ପାଇଁ ମା ଗୃହ ସ୍ଥାପନ, ଓଡ଼ିଶା ମିଲେଟ୍ ମିଶନ ଅନ୍ତର୍ଗତ କାର୍ଯ୍ୟକ୍ରମରେ ମାଣ୍ଡିଆ ଚାଷକୁ ପ୍ରୋତ୍ସାହନ ଜରିଆରେ ଚାଷୀମାନଙ୍କର ଆର୍ଥିକ ଅଭିବୃଦ୍ଧି ଓ ମାଣ୍ଡିଆ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀର ଆର୍ଥିକ ଅଭିବୃଦ୍ଧି, ମାଣ୍ଡିଆ ଜାତୀୟ ଖାଦ୍ୟର ବହୁଳ ବ୍ୟବହାର, କୃଷି ଉତ୍ପାଦନ କ୍ଲଷ୍ଟର ଜରିଆରେ ଏସ୍.ଏଚ୍.ଜି.ଙ୍କ ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ କେନ୍ଦୁଝର ଜିଲ୍ଲା ସର୍ବଭାରତୀୟ ସ୍ତରରେ ପ୍ରଶଂସିତ ହୋଇଛି ଏବଂ ନୀତି ଆୟୋଗ ମଧ୍ୟ ପ୍ରଶଂସା କରିଛନ୍ତି ବୋଲି କହିଥିଲେ । କେନ୍ଦୁଝର ବିଧାୟକ ମୋହନ ଚରଣୀ ମାଝୀ ଏହି ବୈଠକରେ ଉଦ୍‌ବୋଧନ ଦେଇ କହିଥିଲେ ଯେ କେନ୍ଦୁଝର ଜିଲ୍ଲାର ଡି.ଏମ୍.ଏଫ୍. ଏକ ବଡ ସଂସ୍ଥା ଏବଂ ଡି.ଏମ୍.ଏଫ୍.କୁ ପର୍ଯ୍ୟାପ୍ତ ପାଣ୍ଠି ଆସୁଛି, ଏଣୁ ଯଥାଯଥ ଯୋଜନାବଦ୍ଧ ଭାବେ ଯୋଜନା ପ୍ରସ୍ତୁତ କରି କାର୍ଯ୍ୟାନ୍ୱୟନ କଲେ ଏବଂ ସମସ୍ତଙ୍କ ସହଯୋଗରେ କେନ୍ଦୁଝର ଜିଲ୍ଲାର ଉଲ୍ଲେଖନୀୟ ଉନ୍ନତି ହେବା ସହିତ କେନ୍ଦୁଝର ଜିଲ୍ଲା ଡି.ଏମ୍.ଏଫ୍. ସମଗ୍ର ଭାରତ ବର୍ଷରେ ପ୍ରଥମ ସ୍ଥାନ ହାସଲ କରିପାରିବ ବୋଲି କହିଥିଲେ । କେନ୍ଦୁଝର ବିଧାୟକ ଶ୍ରୀ ମାଝୀଙ୍କ ସମେତ ତେଲକୋଇ ବିଧାୟକ ଶ୍ରୀ ପ୍ରେମାନନ୍ଦ ନାୟକ, ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ ଡି.ଏମ୍.ଏଫ୍. କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବା, ସୁପରିଚାଳନା ସଂପର୍କରେ ପରାମର୍ଶ ଦେଇଥିଲେ । ବୈଠକରେ ଡିଏମ୍ଏଫ୍ ଅନୁଦାନରେ ବିଭିନ୍ନ ବିଭାଗ ଜରିଆରେ ହାତକୁ ନିଆଯାଇଥିବା ପ୍ରକଳ୍ପଗୁଡିକର ସ୍ଥିତି, ଅଗ୍ରଗତି ଓ କେତେକ କ୍ଷେତ୍ରରେ ପ୍ରକଳ୍ପର କାର୍ଯ୍ୟାନ୍ୱୟନରେ ଦେଖାଦେଇଥିବା ପ୍ରତିବନ୍ଧକ ସଂପର୍କରେ ପାୱାର ପଏଂଟ୍ ପ୍ରେଜେଂଟେସନ୍ ସହିତ ଆଲୋଚନା କରାଯାଇଥିଲା । ଡି.ଏମ୍.ଏପ୍. ଫଣ୍ଡରେ ନିର୍ମିତ କେନ୍ଦୁଝର ସରକାରୀ ମେଡିକାଲ୍ କଲେଜ ଓ ହସ୍‌ପିଟାଲ୍‌ରେ ପାଠପଢା ଆରମ୍ଭ ସଂପର୍କରେ ଆଲୋଚନା ହୋଇଥିଲା । ଯୋଡା ଫ୍ଲାଇ ଓଭରବ୍ରିଜ୍ ନିର୍ମାଣ, ବଡବିଲ୍‌ଠାରେ ରିଙ୍ଗ୍ ରୋଡ୍ ନିର୍ମାଣ, ପୂର୍ତ୍ତ ବିଭାଗ ଦ୍ୱାରା ବିଭିନ୍ନ ରାସ୍ତା ଓ ପୋଲ ନିର୍ମାଣ, ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ହାତକୁ ନିଆଯାଇଥିବା ରାସ୍ତା, ପୋଲ ଓ ହଷ୍ଟେଲ୍ ନିର୍ମାଣର ସ୍ଥିତି ଅଗ୍ରଗତି ସଂପର୍କରେ ସମୀକ୍ଷା କରାଯାଇଥିଲା । ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ଦ୍ୱାରା ହାତକୁ ନିଆଯାଇଥିବା ବିଭିନ୍ନ ପାନୀୟ ଜଳ ପ୍ରକଳ୍ପ / ମେଗା ପାନୀୟ ଜଳ ପ୍ରକଳ୍ପର ସ୍ଥିତି, କାର୍ଯ୍ୟକାରିତା ଓ ଅଗ୍ରଗତି ସଂପର୍କରେ ଆଲୋଚନା କରାଯାଇ ଅସଂପୂର୍ଣ୍ଣ ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସଂପୂର୍ଣ୍ଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜଳକ୍ଲିଷ୍ଟ ଅଂଚଳରେ ଟ୍ୟୁବ୍‌ୱେଲ୍, ସୋଲାର ମାଧ୍ୟମରେ ପାନୀୟ ଜଳ ଯୋଗାଣ କରିବାକୁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ପ୍ରତି ଘରକୁ ପାଇପ୍ ପାଣି ଯୋଗାଣ କାର୍ଯ୍ୟକ୍ରମରେ ପ୍ରତି

ଘର ସଂଯୋଗ ହୋଇଛି କି ନାହିଁ ତାହା ବିଡିଓମାନଙ୍କ ଦ୍ୱାରା ତଦାରଖ କରାଯିବ ବୋଲି କହିଥିଲେ । ଉଠାଜଳସେଚନ ବିଭାଗ ଦ୍ୱାରା ହାତକୁ ନିଆଯାଇଥିବା ମେଗା ଉଠାଜଳସେଚନ ପ୍ରକଳ୍ପ, ଇଡ୍‌କୋ ଦ୍ୱାରା ହାତକୁ ନିଆଯାଇଥିବା ଧରଣୀଧର ସ୍ପୋର୍ଟ୍ସ କଂପ୍ଲେକ୍ସର ଆଧୁନିକିକରଣ, ଧନୁର୍ଜୟପୁର ଠାରେ ହେଭି ଭେହିକିଲ୍ ଡ୍ରାଇଭିଂ ଟ୍ରେନିଂ ସେଂଟର, ଜିଲ୍ଲାର ବିଭିନ୍ନ ସ୍ଥାନରେ ଟ୍ରକ୍ ଟର୍ମିନାଲ୍ ନିର୍ମାଣ, ସ୍ୱାସ୍ଥ୍ୟ ବିଭାଗର ଭିତିଭୂମିର ଉନ୍ନତି, ମା ଗୃହ ନିର୍ମାଣ, ସଂଜିବନୀର କାର୍ଯ୍ୟକାରିତା, ଡିଜିଟାଲ୍ ଡିସ୍‌ପେନ୍‌ସାରୀର କାର୍ଯ୍ୟକାରିତା, କୋଭିଡ୍ ସମୟରେ ଡି.ଏମ୍.ଏଫ୍. ଫଣ୍ଡ ବିନିଯୋଗରେ ମହାମାରୀ କୋଭିଡ୍‌ର ମୁକାବିଲା, ଓଡିଶା ମିଲେଟ୍ ମିଶନ ଅନ୍ତର୍ଗତ କାର୍ଯ୍ୟକ୍ରମ, କୃଷି ଉତ୍ପାଦନ କ୍ଲଷ୍ଟରର କାର୍ଯ୍ୟାବଳୀ ଓ ସଂପ୍ରସାରଣ, ମହିଳା ଶିଶୁ ବିକାଶ ବିଭାଗର କାର୍ଯ୍ୟକ୍ରମ, ଅଙ୍ଗନୱାଡି ଗୃହ ନିର୍ମାଣ, ଅଙ୍ଗନୱାଡି କେନ୍ଦ୍ରମାନଙ୍କୁ ଧୂମ ବିହୀନ ଚୂଲା ଓ ପ୍ରେସରକୁକର ଯୋଗାଣ, ଜିଲ୍ଲାରେ କ୍ରେଚର କାର୍ଯ୍ୟକାରିତା ଓ ସଂପ୍ରସାରଣ, ବିଭିନ୍ନ ଅଂଚଳରେ ଅପପୃଷ୍ଟିର ଶିକାର ହେଉଥିବା ଶିଶୁମାନଙ୍କର ପୁଷ୍ଟିର ବିକାଶ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ଯୋଡା ଠାରେ ଓଲଡ୍ ଏଜ୍ ହୋମ୍‌ର କାର୍ଯ୍ୟକାରିତା ଓ ସଂପ୍ରସାରଣ ସଂପର୍କରେ ସମୀକ୍ଷା କରାଯିବା ସହିତ ଡି.ଏମ୍.ଏଫ୍. ଅନୁଦାନରେ ହାତକୁ ନିଆଯାଉଥିବା ନୂତନ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା ହୋଇଥିଲା । ଏହି ବୈଠକରେ ଖଣି ପ୍ରଭାବିତ ଅଂଚଳ ଭାବେ ନୂତନ ଭାବେ ଚିହ୍ନଟ ହୋଇଥିବା ୧୦୬ଟି ଗାଁ ସଂପର୍କରେ ଆଲୋଚନା କରାଯାଇଥିଲା । ପ୍ରତି ପଂଚାୟତରେ ଲାଇବ୍ରେରୀ ସ୍ଥାପନ, ଖେଳପଡିଆ ନିର୍ମାଣ ଏବଂ ପାର୍କ ନିର୍ମାଣ ସହିତ ଆଗାମୀ ଦିନରେ ହାତକୁ ନେବାକୁ ଥିବା ଅନ୍ୟାନ୍ୟ କାର୍ଯ୍ୟକ୍ରମ ସଂପର୍କରେ ଜିଲ୍ଲାପାଳ ସୂଚନା ଦେଇଥିଲେ । ଏତଦ୍‌ବ୍ୟତୀତ ପୂର୍ବ ଟ୍ରଷ୍ଟ ବୋର୍ଡ ବୈଠକର ଅନୁମୋଦିତ ବିବରଣୀ ସଂପର୍କରେ ଆଲୋଚନା ସହିତ ୨୦୨୦-୨୧ ଏବଂ ୨୦୨୧-୨୨ ବର୍ଷର ବାର୍ଷିକ ରିପୋର୍ଟ ଉପସ୍ଥାପନା କରାଯାଇଥିଲା ।

ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ, କେନ୍ଦୁଝର